# TET CUM TRT – 2018

# LP - ODIA

1. The Sun God of Greek Civilization was

   1. Apollo
   2. Zeus
   3. Athena
   4. Poseidon

   ଗ୍ରୀକ୍ ସଭ୍ୟତାର ସୂର୍ଯ୍ୟଦେବତା

   1. ଆପୋଲୋ
   2. ଜିଉସ୍
   3. ଏଥେନା
   4. ପୋସେଡନ୍

2. ‘Ranganathittu Bird Sanctuary’ is located in

   1. Tamil Nadu
   2. Kerala
   3. Andhra Pradesh
   4. Karnataka

   “ରାଙ୍ଗାନାଥିତ୍ତୁ ବାର୍ଡ୍ ସେଙ୍କ୍ଚୁଆରି” ଏଠାରେ ଅବସ୍ଥିତ

   1. ତାମିଲ୍‌ନାଡୁ
   2. କେରଳ
   3. ଆନ୍ଧ୍ରପ୍ରଦେଶ
   4. କର୍ଣ୍ଣାଟକ

3. ‘NITI Aayog’ was founded in

“ନୀତି ଆୟୋଗ” ପ୍ରତିଷ୍ଠିତ ବର୍ଷ

1. 2014
2. 2015
3. 2016
4. 2017

4. The number of General Elections conducted to the Lok Sabha during last 64 years by the Election Commission of India are

ଗତ 64ବର୍ଷରେ ଭାରତ ନିର୍ବାଚନ କମିଶନ୍ ଲୋକସଭାକୁ କରିଥିବା ସାଧାରଣ ନିର୍ବାଚନ ସଂଖ୍ୟା

1. 14
2. 15
3. 16
4. 18

5. The National Library, Kolkata was originally known as

1. The Central Library
2. Library of Bengal
3. Imperial Library
4. Secretariat Library

କଲିକତାର ଜାତୀୟ ଗ୍ରନ୍ଥାଳୟକୁ ପୂର୍ବେ ଏପରି କୁହାଯାଉଥିଲା

1. ଦି ସେଣ୍ଟ୍ରାଲ ଲାଇବ୍ରାରୀ
2. ଲାଇବ୍ରେରୀ ଅଫ୍ ବେଙ୍ଗାଲ୍
3. ଇମ୍ପିରିଆଲ୍ ଲାଇବ୍ରେରୀ
4. ସେକ୍ରେଟେରିଅଟ୍ ଲାଇବ୍ରେରୀ

6. 'Colonel' is the commissioned ranks in

1. Navy
2. Air Force
3. Army
4. Elephantry

"କଲ୍‌ନାଲ୍" ହେଉଛି ଏଥିରେ ପ୍ରଦତ୍ତ ଏକ ମର୍ଯ୍ୟଦା

1. ନେଭି
2. ଏୟାର୍‌ଫୋର୍ସ୍
3. ଆର୍ମି
4. ଏଲିଫେଣ୍ଟ୍ରି

7. The musical instrument “Sitar” was invented by

1. Amir Khusro
2. Minhaj– us–Siraj
3. Ziauddin Barani
4. Firoz Shah

“ସିତାର୍”  ଏହି ସଙ୍ଗୀତ ବାଦ୍ୟଯନ୍ତ୍ରର ଉଦ୍ଭାବକ

1. ଅମୀର ଖୁସ୍ରୁ
2. ମନହଜ୍-ଉସ୍-ସିରାଜ୍
3. ଜିୟାଉଦ୍ଦିନ ବାରାନୀ
4. ଫିରୋଜ୍ ଶାହ୍

8. ‘Ayurveda’ literally means

1. Science of health
2. Science of Life
3. Science of healing
4. Science of nature

”ଆୟୁର୍ବେଦ” ର ଭାଷାଗତ ଅର୍ଥ

1. ସ୍ୱାସ୍ଥ୍ୟ ବିଜ୍ଞାନ
2. ଜୀବନ ବିଜ୍ଞାନ
3. ଉପଶମନକାରୀ ବିଜ୍ଞାନ
4. ପ୍ରାକୃତିକ ବିଜ୍ଞାନ

9. The largest silk manufacturer in the world is

1. Japan
2. India
3. Nepal
4. China (circled)

ବିଶ୍ୱର ବୃହତ୍ତମ ରେଶମ ଉତ୍ପାଦନକାରୀ

1. ଜାପାନ୍
2. ଭାରତ
3. ନେପାଲ
4. ଚୀନ୍ (circled)

10. One of the following is Indirect Tax

1. Gift Tax
2. Profession Tax
3. Corporation Tax
4. Service Tax (circled)

ନିମ୍ନ ମଧ୍ୟରୁ ପରୋକ୍ଷ କର

1. ପୁରସ୍କାର କର
2. ବୃତ୍ତି କର
3. କର୍ପୋରେସନ୍ କର
4. ସେବା କର (circled)

11. The first Governor of RBI is

1. Sir Osborne Smith
2. Y. H. Malegam
3. Dr. Anil Kakodkar
4. Dr. William Gaced

ରିଜର୍ଭ ବ୍ୟାଙ୍କର ପ୍ରଥମ ଗଭର୍ଣ୍ଣର

1. ସାର୍ ଓସ୍‌ବର୍ନ ସ୍ମିଥ୍
2. ୱାଇ. ହେଚ୍. ମାଲେଗମ୍
3. ଡ଼. ଅନିଲ୍ କକୋଦକର୍
4. ଡ଼. ୱିଲିଅମ୍ ଗସିଡ୍

12. The expanded form of 'Wi-Fi' is

1. Wireless Fibre
2. Wireless Fidelity
3. With Fibre
4. Wireless Format

ୱାଇ.ଫାଇ.('Wi-Fi')ର ବିସ୍ତାରିତ ରୂପ

1. ୱାଇରଲେସ୍ ଫାଇବର୍
2. ୱାଇରଲେସ୍ ଫିଡ଼ିଲିଟି
3. ୱିଥ୍ ଫାଇବର୍
4. ୱାଇର୍‌ଲେସ୍ ଫର୍ମାଟ୍

13. The theme of the second edition of National Children's Film Festival was

1. Digital India
2. Swach Bharath
3. Make in India
4. Swarna Bharath

ଦ୍ୱିତୀୟ "ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ" ର ସାରାଂଶ

1. ଡିଜିଟାଲ୍ ଇଣ୍ଡିଆ
2. ସ୍ୱଚ୍ଛଭାରତ
3. ମେକ୍ ଇନ୍ ଇଣ୍ଡିଆ
4. ସ୍ୱର୍ଣ୍ଣ ଭାରତ

14. India's first inter – planetary mission, completed two years in its orbit around

1. Venus
2. Mars
3. Mercury
4. Jupiter

ଭାରତର ପ୍ରଥମ ଅନ୍ତର ଗ୍ରହ ଅଭିଯାନଟି ଏହି ଗ୍ରହ ଚତୁର୍ଦ୍ଦିଗରେ ଘୂରି ଦୁଇବର୍ଷ ପୂର୍ଣ୍ଣ କରିଛି

1. ଶୁକ୍ର
2. ମଙ୍ଗଳ
3. ବୁଧ
4. ବୃହସ୍ପତି

15. “Project tiger” was launched in the year

“ପ୍ରୋଜେକ୍ଟ ଟାଇଗର୍” ଏହି ବର୍ଷ ଆରମ୍ଭ ହୋଇଥିଲା

1. 1973
2. 1978
3. 1991
4. 1948

16. Winner of Sahitya Academy Award – 2016 in Telugu Language is

1. Prabha Varma
2. Ravuri Bharadhwaja
3. C. Narayana Reddy
4. Papineni Sivasankar

2016 ରେ ତେଲୁଗୁ ଭାଷାରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ବ୍ୟକ୍ତି

1. ପ୍ରଭା ବର୍ମା
2. ରାଉରି ଭରଦ୍ୱାଜ
3. ସି. ନାରାୟଣ ରେଡ୍ଡି
4. ପାପିନେନି ଶିବଶଙ୍କର

17. The second decade announced by UN for the Eradication of poverty is

ଦାରିଦ୍ର୍ୟ ଦୂରୀକରଣ ପାଇଁ ଜାତିସଂଘ ଦ୍ୱାରା ଘୋଷଣା କରାଯାଇଥିବା ଦ୍ୱିତୀୟ ଦଶନ୍ଧି

1. 2006 - 2015
2. 2005 - 2014
3. 2008 - 2017
4. 2011 - 2020

18. The Headquarters of World Trade Organization (WTO) is located at

1. Geneva
2. New York
3. Paris
4. Rome

ବିଶ୍ୱ ବାଣିଜ୍ୟ ସଂସ୍ଥା(WTO)ର ମୁଖ୍ୟ କାର୍ଯ୍ୟାଳୟ ଏହିଠାରେ ଅଛି

1. ଜେନିଭା
2. ନ୍ୟୁୟର୍କ
3. ପ୍ୟାରିସ୍
4. ରୋମ୍

19. ‘Googly’ is the term used in this game

1. Football
2. Chess
3. Cricket
4. Golf

“ଗୁଗ୍ଲୀ” ପଦଟି ଏହି ଖେଳସହ ସଂପୃକ୍ତ

1. ଫୁଟ୍‌ବଲ୍
2. ଚେସ୍
3. କ୍ରିକେଟ୍
4. ଗଲ୍ଫ

20. The National Fruit of India is

1. Banana
2. Mango
3. Pine Apple
4. Orange

ଭାରତ ଜାତୀୟ ଫଳ

1. କଦଳୀ
2. ଆମ୍ବ
3. ସପୁରି
4. କମଳା

21. The Commission / Committee which suggested to introduce the "Socially useful and productive work" is

1. Mudaliar Commission
2. Hartog Committee
3. Kothari Commission
4. Iswaribai Patel Committee

"ସମାଜ ଉପଯୋଗୀ ଏବଂ ଉତ୍ପାଦକ କାର୍ଯ୍ୟ (SUPW)" ପ୍ରଚଳନ କରିବା ପାଇଁ ସୂଚନା ଦେଇଥିବା କମିଶନ/କମିଟି

1. ମୁଦାଲିୟର୍ କମିଶନ
2. ହାର୍ଟଗ୍ କମିଟି
3. କୋଠାରୀ କମିଶନ
4. ଈଶ୍ୱରୀବାଈ ପଟେଲ କମିଟି

22. "Education is something which makes man self – reliant and selfless" – defined by

1. Puranas
2. Upanishads
3. Vedas
4. Religious scriptures

"ଶିକ୍ଷା ମନୁଷ୍ୟକୁ ଆତ୍ମନିର୍ଭରଶୀଳ, ନିଃସ୍ୱାର୍ଥପର ଭାବେ ଗଠନ କରିଥାଏ" ବୋଲି ଏଥିରେ କୁହାଯାଇଛି

1. ପୁରାଣଗୁଡ଼ିକରେ
2. ଉପନିଷଦଗୁଡ଼ିକରେ
3. ବେଦଗୁଡ଼ିକରେ
4. ଧର୍ମଗ୍ରନ୍ଥଗୁଡ଼ିକରେ

23. The programme NPEGEL developed by SSA is meant for the following classes of girl children to remove the gender disparity

1. $1^{st}$ to $8^{th}$ class
2. $6^{th}$ to $8^{th}$ class
3. $1^{st}$ to $5^{th}$ class
4. $1^{st}$ to $7^{th}$ class

ଲିଙ୍ଗ ବୈଷମ୍ୟକୁ ଦୂର କରିବାପାଇଁ ଏସ୍.ଏସ୍.ଏ ପ୍ରତିପାଦନ କରିଥିବା NPEGEL କାର୍ଯ୍ୟକ୍ରମ ଏହି ଶ୍ରେଣୀର ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ

1. 1 ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ
2. 6 ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ
3. 1 ରୁ 5ମ ଶ୍ରେଣୀ ପର୍ଯ୍ୟନ୍ତ
4. 1 ରୁ 7ମ ଶ୍ରେଣୀ ପର୍ଯ୍ୟନ୍ତ

24. EFLU is located at

1. New Delhi
2. Hyderabad
3. Chennai
4. Bangaluru

ଇ.ଏଫ୍.ଏଲ୍.ୟୁ ଏଠାରେ ଅବସ୍ଥିତ

1. ନୂଆ ଦିଲ୍ଲୀ
2. ହାଇଦ୍ରାବାଦ୍
3. ଚେନ୍ନାଇ
4. ବେଙ୍ଗାଲୁରୁ

25. The objective of “Sakshar Bharat Mission” at the time of its inception is to achieve this percentage of literacy at National level

‘ସାକ୍ଷର ଭାରତ ମିଶନ’ ଆରମ୍ଭ କରିବା ସମୟରେ ଜାତୀୟ ସ୍ତରରେ ଏହି ସାକ୍ଷରତା ପ୍ରତିଶତ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା

1. 70
2. 75
3. 80
4. 85

26. The children with learning disabilities face this problem

1. Dysphasia
2. Myopia
3. Athetosis
4. Epilepsy

ଶିକ୍ଷଣ ଅପାରଗ ବିଦ୍ୟାର୍ଥୀମାନେ ସମ୍ମୁଖୀନ ହେବା ସମସ୍ୟା

1. ଡିସ୍‌ଫାସିଆ
2. ମେୟୋପିଆ
3. ଏଥେଟୋସିସ୍
4. ଏପିଲେପ୍‌ସି

27. The President of Academic Monitoring Committee at School level is

1. Gram Sarpanch
2. Headmaster
3. MPTC
4. Local Educationist

ବିଦ୍ୟାଳୟ ସ୍ତରରେ ଶିକ୍ଷା ପର୍ଯ୍ୟବେକ୍ଷଣ କମିଟିର ଅଧ୍ୟକ୍ଷ

1. ଗ୍ରାମ ସରପଞ୍ଚ
2. ପ୍ରଧାନ ଶିକ୍ଷକ
3. ଏମ୍.ପି.ଟି.ସି
4. ସ୍ଥାନୀୟ ଶିକ୍ଷାବିତ୍

28. The State in which the mid-day meal scheme was implemented for the first time in primary schools in India was

1. Andhra Pradesh
2. Tamil Nadu
3. Madhya Pradesh
4. Uttar Pradesh

ଭାରତରେ ସର୍ବପ୍ରଥମେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ମଧ୍ୟାହ୍ନ ଭୋଜନ ଯୋଜନା ଅମଳ କରିଥିବା ରାଜ୍ୟ

1. ଆନ୍ଧ୍ରପ୍ରଦେଶ
2. ତାମିଲନାଡୁ
3. ମଧ୍ୟପ୍ରଦେଶ
4. ଉତ୍ତରପ୍ରଦେଶ

29. According to the National Child Rights Protection Act – 2005, the child means, child belongs to this age

1. 0 - 12 years
2. 6 - 14 years
3. 6 - 16 years
4. 0 - 18 years

ଜାତୀୟ ଶିଶୁ ଅଧିକାର ସଂରକ୍ଷଣ ଆଇନ– 2005 ଅନୁସାରେ ଶିଶୁ କହିଲେ , ଏହି ବୟସ ଅବଧିକୁ ବୁଝାଏ

1. 0 – 12 ବର୍ଷ
2. 6 – 14 ବର୍ଷ
3. 6 – 16 ବର୍ଷ
4. 0 – 18 ବର୍ଷ

30. The National Institute that serves to preserve our culture and traditions throughout our Nation

ସାରା ଦେଶରେ ଆମ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣପାଇଁ କାର୍ଯ୍ୟକରୁଥିବା ଜାତୀୟ ସଂସ୍ଥା

1. CIET
2. NCTE
3. CCRT
4. NCERT

31. Students who do not like Mathematics, exhibit

1. Low intelligence
2. Learning difficulty
3. Attitude
4. Personality

ଶିକ୍ଷାର୍ଥୀମାନେ ଗଣିତ ପ୍ରତି ଆଗ୍ରହ ପ୍ରକାଶ ନକରିବା, ଏହାକୁ ସୂଚାଏ

1. ସ୍ୱଳ୍ପ ବୁଦ୍ଧି
2. ଶିକ୍ଷଣ ଅପାରଗ
3. ମନୋବୃତ୍ତି
4. ବ୍ୟକ୍ତିତ୍ୱ

32. The energy the Id produces to obtain pleasure is

1. Tension
2. Libido
3. Motivation
4. Passion

ସନ୍ତୋଷ ଲାଭକରିବା ପାଇଁ ପ୍ରବୃତ୍ତି (Id) ଉତ୍ପନ୍ନ କରୁଥିବା ଶକ୍ତି

1. ଉତ୍ତେଜନା
2. କାମପ୍ରବୃତ୍ତି
3. ଅଭିପ୍ରେରଣ
4. ତୀବ୍ରଇଚ୍ଛା(ଗାଢ଼ ଅଭିଳାଷ)

33. Teaching students to combine ideas in novel ways will promote

1. Creativity
2. Language skill
3. Daydreaming
4. Knowledge

ଧାରଣାଗୁଡ଼ିକୁ ନୂତନ ଶୈଳୀରେ ସମ୍ମିଳିତ କରି ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ ଦେଲେ ଏହାର ବୃଦ୍ଧି ଘଟିଥାଏ

1. ସୃଜନଶୀଳତା
2. ଭାଷା କୌଶଳ
3. ଦିବାସ୍ୱପ୍ନ
4. ଜ୍ଞାନ

34. The ability to create, communicate and understand meanings made of sound along with mechanisms dedicated to sound quality

1. Linguistic Intelligence
2. Musical Intelligence
3. Spatial Intelligence
4. Interpersonal Intelligence

ଶବ୍ଦର ବୈଶିଷ୍ଟ୍ୟକୁ ଗ୍ରହଣ କରିବାରେ ସହାୟକ ହେଉଥିବା ପ୍ରଣାଳୀ ସହ ଶବ୍ଦର ଅର୍ଥ ଗ୍ରହଣ କରିବା, ସୃଷ୍ଟି କରିବା, ଭାବ ପ୍ରସାରଣ ଦକ୍ଷତା ଏଥିସହ ସଂପୃକ୍ତ

1. ଭାଷା ସମ୍ବନ୍ଧୀୟ ବୁଦ୍ଧି
2. ସଙ୍ଗୀତ ସମ୍ବନ୍ଧୀୟ ବୁଦ୍ଧି
3. ପ୍ରାଦେଶିକ ବୁଦ୍ଧି
4. ଅନ୍ତର ବ୍ୟକ୍ତିତ୍ୱ ବୁଦ୍ଧି

35. Children being taught to help each other in the class which increases helping behaviour involve

1. Conditioning
2. Trial and Error Learning
3. Observational Learning
4. Rote Learning

ଶ୍ରେଣୀକକ୍ଷରେ ପିଲାମାନେ ପରସ୍ପରକୁ ସାହାଯ୍ୟ କଲାଭଳି ଶିକ୍ଷାଦାନ ଦେଲେ ସେମାନଙ୍କଠାରେ ସହଯୋଗୀ ମନୋଭାବ ବୃଦ୍ଧିପାଏ । ଏଠାରେ ନିହିତ ଅଂଶଟି

1. ପ୍ରସୀମନ
2. ପ୍ରଯତ୍ନ-ପ୍ରମାଦ ଶିକ୍ଷଣ
3. ପର୍ଯ୍ୟବେକ୍ଷିତ ଶିକ୍ଷଣ
4. ଘୋଷା(ମୁଖସ୍ଥ) ଶିକ୍ଷଣ

36. Responses that satisfy are more likely to be repeated is

1. Law of whole
2. Law of frequency
3. Law of Recency
4. Law of Effect

ସଂତୃପ୍ତିଜନକ ପ୍ରତିକ୍ରିୟାଗୁଡ଼ିକ ଅଧିକ ଥର ପୁନରାବୃତ୍ତି ହେବା ସୁଯୋଗ ଥିବା , କହିଲେ

1. ସମଗ୍ର ନିୟମ
2. ପୌନଃପୁନ୍ୟ ନିୟମ
3. ସାମ୍ପ୍ରତିକ ନିୟମ
4. ପରିମାଣ ନିୟମ

37. Process by which information is recorded in a form usable by memory is

1. Storage
2. Encoding
3. Retrieval
4. Imaginal Code

ନିମ୍ନ ପ୍ରକ୍ରିୟା ଦ୍ୱାରା, ସ୍ମୃତି ବ୍ୟବହାର କରିପାରୁଥିବା ପ୍ରଣାଳୀରେ ତଥ୍ୟ ନମୋଦ ଘଟିଥାଏ

1. ମହଜୁଦ
2. ଏନ୍‌କୋଡ଼ିଙ୍ଗ୍
3. ପୁନରୁଦ୍ଧାର (Retrieval)
4. ଆନୁମାନିକ ସଙ୍କେତ

38. A harmonious relationship of an individual to her/his environment which affords a person comfortable life is

1. Adjustment
2. Abnormality
3. Anxiety
4. Accommodation

ବ୍ୟକ୍ତିଟି ନିଜ ପରିସର ସହ ସୁସଙ୍ଗତ ସଂପର୍କ ଗଢ଼ିବା ଦ୍ୱାରା ଆରାମଦାୟକ ଜୀବନଯାପନ କରିବ । ଏହା

1. ପ୍ରତିଯୋଜନ
2. ଅସାଧାରଣ
3. ଆତୁରତା
4. ଉପଯୋଜନ

39. Sensing what people are feeling, being able to take their perspective, and cultivating rapport and attunement with a broad diversity of people

1. Sympathy
2. Arousal
3. Empathy
4. Compliance

ବ୍ୟକ୍ତିଙ୍କ ଅନୁଭୂତିକୁ ଗ୍ରହଣ କରିବା , ସେମାନଙ୍କର ଦୃଷ୍ଟିକୋଣକୁ ଅନୁମୋଦନ କରିବା ଦକ୍ଷତା ଏବଂ ଭିନ୍ନତ୍ୱ ଥିବା ବ୍ୟକ୍ତିମାନଙ୍କ ସହ ସୁସଙ୍ଗତା , ଆନ୍ତରିକତା ଗଠନକରିବା । ଏହା

1. ସହାନୁଭୂତି
2. ଜାଗରୁକ
3. ସମ୍ବେଦନା
4. ଅଙ୍ଗୀକାର

40. Children watching violence in T.V and movies increases

1. Happiness
2. Aggression
3. Affiliation
4. Attachment

ଟି.ଭି. ଏବଂ ସିନେମା ଗୁଡ଼ିକରେ ହିଂସାତ୍ମକ ଦୃଶ୍ୟ ଦେଖିଲେ ପିଲାଙ୍କଠାରେ ଏହା ବୃଦ୍ଧିପାଏ

1. ସନ୍ତୋଷ
2. ଆକ୍ରମଣ
3. ଅନୁବନ୍ଧକ
4. ଅନୁରକ୍ତି

## CONTENT

41. “ତ୍ୟାଗ ବା ଆତ୍ମବଳିଦାନରେ ଲବ୍ଧ ସ୍ୱାଧୀନତା ଚିରଞ୍ଜୀବି” ଏକଥା ନିମ୍ନୋକ୍ତ ପ୍ରବନ୍ଧରେ କୁହାଯାଇଛି

1. ମୋ ଜୀବନର ଅଭୁଲାକଥା
2. ବୀର ସୁରେନ୍ଦ୍ର ସାଏ
3. ଦରିଆ ଦଖଲ
4. ମୁକ୍ତି ଯୋଦ୍ଧା ଜୟୀ ରାଜଗୁରୁ

42. “ସେହି ମୋ ପ୍ରିୟ ଜନମଭୂଇଁ” କବିତାରେ ଏହି କଥା ବର୍ଣ୍ଣନା କରାଯାଇଛି

1. ସହର ଲୋକଙ୍କ କଥା
2. କବିଙ୍କ ନିଜ ଜନ୍ମଭୂମିର କଥା
3. ଆଦିବାସୀମାନଙ୍କ କଥା
4. ସାଧାରଣ ଲୋକଙ୍କ କଥା

43. “ଛନ୍ଦ କବି” ଭାବେ ସୁପରିଚିତ କବି

1. ବୈଷ୍ଣବ ପାଣି
2. ରାଧାମୋହନ ଗଡ଼ନାୟକ
3. ଜଗନ୍ନାଥ ଦାସ
4. ଅଭିମନ୍ୟୁ ସାମନ୍ତ ସିଂହାର

44. ମଙ୍ଗୁଲୁ ଚରଣ ବିଶ୍ୱାଳଙ୍କ ଏହି ନାଟକଟି କୋଶଳୀ ଭାଷାରେ ଲିଖିତ

1. ଭୂଖା
2. ଆହୁତି
3. ଆଜିର ରାଜା
4. ଜୀବନ ଯଜ୍ଞ

45. "ଅବୋଲକରା" କାହାଣୀର ସ୍ରଷ୍ଟା

1. ମନୋରଞ୍ଜନ ଦାସ
2. ବିଭୂତି ପଟ୍ଟନାୟକ
3. ଗୋପାଳ ଭାଣ୍ଡ
4. ମନୋଜ ଦାସ

46. ଅଷ୍ଟାଦଶ ଶତାବ୍ଦୀର ଜଣେ ଭକ୍ତକବି

1. ବ୍ରଜନାଥ ବଡ଼ଜେନା
2. ଅଚ୍ୟୁତାନନ୍ଦ ଦାସ
3. ବନମାଳୀ ଦାସ
4. ଲୋକନାଥ ବିଦ୍ୟାଧର

47. “ନୀଳ ଲହରୀ” ଗଳ୍ପ ସଙ୍କଳନର ଗାଳ୍ପିକ

1. ରାଜକିଶୋର ରାୟ
2. ବୀଣାପାଣି ମହାନ୍ତି
3. ଫକୀର ମୋହନ ସେନାପତି
4. କାର୍ତ୍ତିକ ଚନ୍ଦ୍ର ରଥ

48. କେନ୍ଦ୍ରପଡ଼ା ଜିଲ୍ଲା ଅନ୍ତର୍ଗତ ନାଟରା ଗ୍ରାମରେ ଏହି ନାରୀକବି ଜନ୍ମଗ୍ରହଣ କରିଥିଲେ

1. ଚାରୁବାଳା ମହାନ୍ତି
2. ବିଦ୍ୟୁତ୍ ପ୍ରଭା ଦେବୀ
3. କୁନ୍ତଳା କୁମାରୀ ସାବତ
4. ନନ୍ଦିନୀ ଶତପଥି

49. “ସ୍ୱଭାବ କବି”

1. ଦୀନକୃଷ୍ଣ ଦାସ
2. ଯଦୁମଣି ମହାପାତ୍ର
3. ଗୋପବନ୍ଧୁ ଦାସ
4. ଗଙ୍ଗାଧର ମେହେର

50. ଗୋଦାବରୀଶ ମିଶ୍ରଙ୍କ "ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋରସ୍ଥାନ" ଆତ୍ମଜୀବନୀ ପାଇଁ ଏହି ପୁରସ୍କାର ପାଇଛନ୍ତି

1. ସାରଳା ପୁରସ୍କାର
2. ଜ୍ଞାନପୀଠ
3. ଜେନ୍ଦ୍ର ସାହିତ୍ୟ ଏକାଡ଼େମୀ
4. ଓଡ଼ିଶା ସାହିତ୍ୟ ଏକାଡ଼େମୀ

51. ଆଦିବାସୀମାନଙ୍କର ସରଳତା, ସ୍ୱାଧୀନ ମନୋଭାବ, ସ୍ୱାବଲମ୍ବନଶୀଳତା ସମ୍ପର୍କରେ ପିଲାମାନେ ଏହି ପାଠରୁ ଜାଣିବେ

1. ହଜିଲା ଦିନର କଥା
2. ସେମାନେ ଆମ ଭାଇ ଭଉଣୀ
3. ମାଟିଗଲା-ବିଗିଡ଼ି
4. କୁହୁକୀବନ ଭିତରକନିକା

52. ଶିକ୍ଷାର୍ଥୀମାନେ ଏହି ପାଠରୁ "ଜୀବହତ୍ୟା" ଅନ୍ୟାୟ ଓ ପାପ ବୋଲି ଧାରଣା ପାଇବେ

1. ନୂଆଖାଇ
2. ଶୃଙ୍ଖଳା ପତ୍ରର କଥା
3. ଯେ ଥାଏ ପର ଉପକାରେ
4. ଜାପାନ୍ ଅନୁଭୂତି

53. ଏହି ଏକାଙ୍କିକାରେ ପୁତ୍ରକନ୍ୟାମାନଙ୍କର ସ୍ୱାର୍ଥ ଚେତନା ଓ ବସ୍ତୁବାଦୀ ଚିନ୍ତା ପ୍ରତିଫଳିତ ହୋଇଛି

(1.) ଆହୁତି

2. ସୁନା ନେଉଳ

3. ଦୀପଶିଖା

4. ପାହାଡ଼ର ଡାକ

54. ଏହି ଏକାଙ୍କିକାରେ ମଣିଷ ପଣିଆର ବିକାଶ ପାଇଁ ବାର୍ତ୍ତା ପ୍ରଦାନ କରାଯାଇଛି

1. ଦରଜା ଖୋଲିଦେବା

2. ରାଜୋଚିତ ବ୍ୟବହାର

(3.) ଆମେ ଧରଣୀ ବୁକୁର ଶିଶୁ

4. ଦଳ ବେହେରା

55. "ସୁଭଦ୍ରା" ଏହି ଗଳ୍ପର ଏକ ମୁଖ୍ୟ ଚରିତ୍ର

1. ନ୍ୟାୟ ବିଚାର

(2.) ସ୍ୱପ୍ନ

3. ମାଡ଼ହାଣ୍ଡି କଥା

4. ଦଶହରା ଭେଟି

56. "ମଧୁବାବୁ"ଙ୍କ ଜୀବନୀ ସମ୍ପର୍କରେ ଆଲୋଚିତ ପାଠ୍ୟଟି

1. ମୋ ଜୀବନର ଅଭୁଲା କଥା
2. କ'ଣ ଶିଖିବା
3. ରାମାୟଣ କଥା
4. ହଜିଲା ଦିନର କଥା

57. "ଓଜସ୍ୱିନୀ" ଶବ୍ଦଟିର ଅର୍ଥ

1. ବକ୍ତୃତା
2. ଆକର୍ଷଣୀୟ
3. ଶକ୍ତିଶାଳୀ
4. ଗମ୍ଭୀର

58. "ନିଠେଇ" ଶବ୍ଦଟିର ଅର୍ଥ

1. ଚାରିପଟେ
2. ଟିକିନିଖି
3. ଦୂରରେ
4. ପାର୍ଶ୍ୱରେ

59. “ପକ୍ଷୀ” ଶବ୍ଦଟିର ଭିନ୍ନାର୍ଥ

(1.) ଦାନ୍ତ
2. ନଖ
3. ଚୁଳ
4. ଆଖି

60. “ଜୀବନ” ଶବ୍ଦଟିର ଭିନ୍ନାର୍ଥ

1. ସ୍ନେହ
2. ଜାତ
(3.) ପବନ
4. ଚନ୍ଦନ

61. “ଗଙ୍ଗା” ଶବ୍ଦଟିର ପ୍ରତିଶବ୍ଦ

1. ଜହ୍ନ
2. ଜ୍ୟୋସ୍ନା
3. ଜ୍ୟୋତି
(4.) ଜାହ୍ନବୀ

62. “କନ୍ଦର” ଶବ୍ଦଟିର ପ୍ରତିଶବ୍ଦ

1. ଖାଲ
2. ଗୁମ୍ଫା
3. ଗାତ
4. ପଥର

63. ନିମ୍ନୋକ୍ତ ଶବ୍ଦମଧ୍ୟରୁ ଭିନ୍ନ ଜାତୀୟ ଶବ୍ଦଟି

1. ଉଚ୍ଚଭାଷୀ
2. ସ୍ପଷ୍ଟଭାଷୀ
3. ହିନ୍ଦୀଭାଷୀ
4. ମିଷ୍ଟଭାଷୀ

64. “ମୁକ୍ତି” ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ

1. ବନ୍ଧନ
2. ବିମୁକ୍ତି
3. ବିଳାପ
4. ଶକ୍ତି

65. “ସକଳ, ଶକଳ” – ଏହି ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଯଥାକ୍ରମେ

1. ଉଦୟ, ଶକ୍ତି
2. ସଭିଏଁ, ଶାଗ
3. ସବୁ, ଖଣ୍ଡ
4. ସକାଳ, ଶଗଡ଼

66. “ଫରଫର” ଏହି ଧରଣର ଏକ ଯୁଗ୍ମଶବ୍ଦ

1. ସମାର୍ଥକ ଶବ୍ଦ
2. ଦ୍ୱିରୁକ୍ତି ଶବ୍ଦ
3. ବିପରୀତାର୍ଥବୋଧକ ଶବ୍ଦ
4. ସମୋଚ୍ଚାରିତ ଶବ୍ଦ

67. “ନିଦ” ଶବ୍ଦ ପୂର୍ବରୁ ଏହି ଶବ୍ଦଟି ଯୋଡ଼ିଲେ ଠିକ୍‌ହେବ

1. ଅତ୍ୟନ୍ତ
2. ପ୍ରଚଣ୍ଡ
3. ଅସହ୍ୟ
4. ନିଘୋଡ଼

68. “ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ ।” ଲୋକବାଣୀଟି ଏହି ଅର୍ଥରେ ବ୍ୟବହୃତ ହୋଇଛି

1. ଭାଗ୍ୟ ଖରାପ ହେଲେ ସବୁ ଏମିତି ହୁଏ
2. ଯାହା ଘଟିବାର ଥିବ, ତାହା ଅବଶ୍ୟ ଘଟିବ
3. ଈଶ୍ୱର ଯାହାକରନ୍ତି, ତାହା ପ୍ରାଣୀଙ୍କ ମଙ୍ଗଳ ସକାଶେ
4. ଭାଗ୍ୟବଳରେ ମଣିଷ ସବୁ ଜିଣିଥାଏ

69. “ଆମ୍ଭେମାନେ” ଏହା ଏକ

1. ଦ୍ୱିତୀୟ ପୁରୁଷ ବହୁବଚନ
2. ତୃତୀୟ ପୁରୁଷ ବହୁବଚନ
3. ପ୍ରଥମ ପୁରୁଷ ବହୁବଚନ
4. ପ୍ରଥମ ପୁରୁଷ ଏକବଚନ

70. “ନାଟକ” ଶବ୍ଦଟିର ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ

1. ନର୍ତ୍ତକ
2. ନାଟକାଣୀ
3. ନଟକା
4. ନାଟିକା

71. "ସ୍ୱେଚ୍ଛା" ଶବ୍ଦଟିର ସନ୍ଧି ବିଚ୍ଛେଦ କଲେ

1. ସ୍ୱେ + ଇଚ୍ଛା
2. ସ୍ୱ + ଇଚ୍ଛା
3. ସ + ଇଚ୍ଛା
4. ସ୍ୱେ + ଚ୍ଛା

72. "ଚିରଦୁଃଖ" ଏହି ସମସ୍ତ ପଦରେ ଲୁପ୍ତ ହୋଇଥିବା ବିଭକ୍ତି ପ୍ରତ୍ୟୟଟି

1. ଙ୍କୁ
2. ରୁ
3. କୁ
4. ଠାରୁ

73. "କବିତା, କବିତା ଲେଖି କଲିକତାରେ କବିର ଗୌରବ ପାଇଲା ।" ଏଥିରେ ଥିବା ଅଳଙ୍କାରଟି

1. ଯମକ
2. ଅନୁପ୍ରାସ
3. ଶ୍ଳେଷ
4. ଉପମା

74. ଏହି ଉପସର୍ଗଟି ସାଧାରଣତଃ ଭୂଷଣ ଅର୍ଥରେ ବ୍ୟବହୃତ ହୋଇଥାଏ

1. ଅପି
2. ଅତି
3. ଅଧି
4. ଅଭି

75. ଏହା ଏକ 'ଅନ' ପ୍ରତ୍ୟୟଯୁକ୍ତ ଚିହ୍ନ

1. ଫୁଟଣ
2. ଗଢ଼ଣ
3. ଶ୍ରବଣ
4. ଝୁଲଣ

76. ସଂଯୋଗ ଅର୍ଥରେ 'ଅ' ପ୍ରତ୍ୟୟ ଯୁକ୍ତ ତଦ୍ଧିତ ପଦଟି

1. ଦୈବ
2. ମାଘ
3. ଭରତ
4. ଶୈବ

77. "ଉତ୍କଳୀୟ" ଶବ୍ଦରେ ବ୍ୟବହୃତ ପ୍ରତ୍ୟୟଟି

1. ଇ
2. ଇକ
3. ଏୟ
4. ଈୟ

78. ଏହା ଏକ "ତତ୍ସମ" ଶବ୍ଦ

1. ଶିଆଳ
2. ସୁନ୍ଦର
3. ଘିଅ
4. ମାଟି

79. "ଭଉଣୀ" ଶବ୍ଦଟି ଏହାର ଏକ ଉଦାହରଣ

1. ତତ୍ସମ
2. ଦେଶଜ
3. ତଦ୍ଭବ
4. ବୈଦେଶିକ

80. ନିମ୍ନୋକ୍ତ ମଧ୍ୟରୁ ଦେଶଜ ଶବ୍ଦଟି

1. ଓରା
2. ପୁଅ
3. ମାଆ
4. ନଅର

81. ଏହା ଏକ ପାର୍ସୀ ଶବ୍ଦ

1. ଅକ୍ତିଆର
2. ଖାତର
3. କୁର୍ତ୍ତା
4. ଅସ୍ତାବଲ

82. ଏହା ଏକ ଶୁଦ୍ଧଶବ୍ଦ

1. ଶରସ
2. ସରସ
3. ସରଶ
4. ଷରସ

83. ନିମ୍ନୋକ୍ତ ମଧ୍ୟରୁ ବିଶେଷ୍ୟ ପଦଟି

1. ମେଧାବୀ
2. ଭଙ୍ଗା
3. ଗରୀବ
4. ବଉଳ

84. ବିଶେଷଣ ଗୁଡ଼ିକୁ ନିମ୍ନୋକ୍ତ ପ୍ରକାରରେ ବିଭକ୍ତ କରାଯାଇଛି

1. ଆଠ
2. ପାଞ୍ଚ
3. ଛଅ
4. ସାତ

85. ଯେଉଁପଦ ଅନ୍ୟ ଏକ ବା ଏକାଧିକ ପଦ ଓ ବାକ୍ୟ ପରିବର୍ତ୍ତେ ବ୍ୟବହୃତ ହୁଏ, ତାହାକୁ ଏହା କୁହାଯାଏ

1. ସର୍ବନାମ
2. ବିଶେଷ୍ୟ
3. ବିଶେଷଣ
4. ଅବ୍ୟୟ

86. ଯାହାଦ୍ୱାରା ବାକ୍ୟ ଶେଷହୁଏ, ସେହି କ୍ରିୟାକୁ ଏହା କୁହାଯାଏ

1. ଧାତୁ
2. ପଦ
3. ସମାପିକା କ୍ରିୟା
4. ଅସମାପିକା କ୍ରିୟା

87. "ତେଣୁ" ଏହା ଏକ

1. ବିଯୋଜକ ଅବ୍ୟୟ
2. କାରଣ ସୂଚକ ଅବ୍ୟୟ
3. ପଦାନ୍ୱୟୀ ଅବ୍ୟୟ
4. ସଂଯୋଜକ ଅବ୍ୟୟ

88. ବାକ୍ୟରେ ଯାହାକୁ କୌଣସି ବସ୍ତୁ ସମ୍ୟକ ରୂପେ ଦାନ କରାଯାଏ, ତାହାକୁ ଏହା କହନ୍ତି

1. କରଣ କାରକ
2. କର୍ତ୍ତା କାରକ
3. ଅପାଦାନ କାରକ
4. ସଂପ୍ରଦାନ କାରକ

89. ନିମ୍ନରୁ ପଞ୍ଚମୀ ବିଭକ୍ତି ଚିହ୍ନଟି

1. ଙ୍କର
2. ଙ୍କ
3. ରୁ
4. ର

90. ଏହା ଏକ ସାର୍ଥକ ବାକ୍ୟର ଲକ୍ଷଣ

1. କ୍ରିୟା
2. କର୍ତ୍ତା
3. କର୍ମ
4. ଯୋଗ୍ୟତା

91. ବାକ୍ୟରେ ଏହିପଦ ବିଶେଷ୍ୟ ପଦ ପୂର୍ବରୁ ବସେ

1. ବିଶେଷଣ
2. କ୍ରିୟା
3. ସମ୍ବନ୍ଧିତ ପଦ
4. କର୍ମ

92. ଦୁଇ ବା ତତୋଧିକ ପରସ୍ପର ସାପେକ୍ଷ ଖଣ୍ଡବାକ୍ୟରେ ସମନ୍ୱୟରେ ଏହିବାକ୍ୟ ଗଠିତ ହୁଏ

1. ଯୌଗିକ
2. ଜଟିଳ
3. ମିଶ୍ର
4. ସରଳ

93. ଓଡ଼ିଆ ସାହିତ୍ୟରେ ନାଥଧର୍ମର ପ୍ରସିଦ୍ଧ ରଚନାଟି

1. ଶିଶୁବେଦ
2. ରୁଦ୍ର ସୁଧାନିଧି
3. ସୋମନାଥ ବ୍ରତକଥା
4. ମାଦଳା ପାଞ୍ଜି

94. "ଚତୁର ବିନୋଦ" ର ଲେଖକ

1. ଶ୍ରୀହରି ଦାସ
2. ବନମାଳୀ ଦାସ
3. ବ୍ରଜନାଥ ବଡ଼ଜେନା
4. ଯଶୋବନ୍ତ ଦାସ

95. “ସାରଳା ଦାସ” ଏହି ରାଜାଙ୍କ ସମକାଳୀନ ଥିଲେ

1. ପ୍ରତାପରୁଦ୍ର ଦେବ
2. କପିଳେନ୍ଦ୍ର ଦେବ
3. ପୁରୁଷୋତ୍ତମ ଦେବ
4. ଅନଙ୍ଗଭୀମ ଦେବ

96. ବ୍ୟଞ୍ଜନ ବର୍ଣ୍ଣକୁ ମୂଳରେ ରଖି ଯେଉଁ ରଚନା କରାଯାଏ, ତାହା ହେଉଛି

1. ଚର୍ଯ୍ୟା ଗୀତ
2. ଓଷାବ୍ରତ
3. ଚିଟାଉ
4. ଚଉତିଶା

97. “କଳସା ଚଉତିଶା”ରେ ଏହି ପ୍ରସଙ୍ଗ ବର୍ଣ୍ଣିତ

1. ରାଧା-କୃଷ୍ଣ
2. ଶିବ-ପାର୍ବତୀ
3. ରାମ-ସୀତା
4. କଂସ-କୃଷ୍ଣ

98. ମହାପୁରାଣର ସଂଖ୍ୟା ଅଠର, ଉପପୁରାଣ ସଂଖ୍ୟା

1. ଆଠ
2. ସାତ
3. ଅଠର
4. ଅଶୀଏ

99. "ବଳରାମ ଦାସ" ନିଜ ବିଷୟରେ ଏହି କାଣ୍ଡରେ କହିଛନ୍ତି

1. ସୁନ୍ଦରାକାଣ୍ଡ
2. କିଷ୍କିନ୍ଧ୍ୟାକାଣ୍ଡ
3. ଲଙ୍କାକାଣ୍ଡ
4. ଅରଣ୍ୟକାଣ୍ଡ

100. "ରହସ୍ୟ ମଞ୍ଜରୀ"ର ପ୍ରଣେତା

1. ଅର୍ଜ୍ଜୁନ ଦାସ
2. ମାଧବ ଦାସ
3. ଦେବ ଦୁର୍ଲ୍ଲଭ ଦାସ
4. ମାର୍କଣ୍ଡ ଦାସ

101. “କବି ସମ୍ରାଟ” ଉପାଧିରେ ଭୂଷିତ କବି

1. ଧନଞ୍ଜୟ ଭଞ୍ଜ
2. ନୀଳକଣ୍ଠ ଭଞ୍ଜ
3. ପ୍ରତାପଦେବ ଭଞ୍ଜ
4. ଉପେନ୍ଦ୍ର ଭଞ୍ଜ

102. ଏହା ଏକ ବାସ୍ତବ ଓ ପୂର୍ଣ୍ଣାଙ୍ଗ ଜୀବନରେ କାଳ୍ପନିକ ଗଦ୍ୟ କାହାଣୀ

1. ପ୍ରବନ୍ଧ
2. ଉପନ୍ୟାସ
3. ଗଳ୍ପ
4. ଏକାଙ୍କିକା

103. ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପର ଆବିର୍ଭାବ ଏହି ଶତାବ୍ଦୀରେ ଘଟିଥିଲା

1. ଅଷ୍ଟାଦଶ
2. ବିଂଶ
3. ଉନବିଂଶ
4. ଏକବିଂଶ

104. କବିବର ରାଧାନାଥଙ୍କ ଦୀର୍ଘ ପ୍ରବନ୍ଧ "ବିବେକୀ" ଏହି ପତ୍ରିକାରେ ପ୍ରକାଶ ପାଇଥିଲା

1. ଉତ୍କଳ ଦର୍ପଣ
2. ଉତ୍କଳ ପ୍ରଭା
3. ଉତ୍କଳ ମଧୁପ
4. ଉତ୍କଳ ଦୀପିକା

105. "ବାକ୍ୟଂ ରସାତ୍ମକଂ କାବ୍ୟମ୍" ବୋଲି ଏହି ଆଳଙ୍କାରିକ କହିଥିଲେ

1. ପାଣିନି
2. ଶଙ୍କରାଚାର୍ଯ୍ୟ
3. ବିଶ୍ୱନାଥ କବିରାଜ
4. ଉଦ୍ଭଟ

106. କାର୍ତ୍ତିକ ଚନ୍ଦ୍ର ରଥଙ୍କ ଦ୍ୱାରା ରଚିତ "ରକ୍ତର ଫୁଲ" ଏକ

1. ପୌରାଣିକ ନାଟକ
2. ପରୀକ୍ଷାଧର୍ମୀ ନାଟକ
3. ମନସ୍ତାତ୍ତ୍ୱିକ ନାଟକ
4. ସାମାଜିକ ନାଟକ

107. ଓଡ଼ିଆ ସାହିତ୍ୟର ପ୍ରଥମ ଏକାଙ୍କିକା

1. ଦଳବେହେରା
2. ଛତ୍ରପତି
3. ପଞ୍ଚରଙ୍ଗ
4. ଜୀବିତ ତର୍ପଣ

108. ଫକୀର ମୋହନଙ୍କ ଦ୍ୱାରା ରଚିତ ଭ୍ରମଣ କାହାଣୀ

1. ଦାକ୍ଷିଣାତ୍ୟ ଭ୍ରମଣ
2. ଆର୍ଯ୍ୟବର୍ତ୍ତ ଦର୍ଶନ
3. ଉତ୍କଳ ଭ୍ରମଣ
4. ଉତ୍କଳୀୟ ଚାରୁଚିତ୍ର

109. ଓଡ଼ିଆ ଭାଷାର ସଂଘର୍ଷୀ ଧ୍ୱନିଟି

1. 'ର୍'
2. 'ସ୍'
3. 'ଲ୍'
4. 'ଝ୍'

110. ଏହା ଓଡ଼ିଆ ଭାଷାର ଏକମାତ୍ର ଲୋଡ଼ିତ ଧ୍ୱନି

1. 'ମ୍'
2. 'ଚ୍'
3. 'ର'
4. 'ଜ'

111. ବ୍ୟାକରଣ ବର୍ଣ୍ଣନା ପ୍ରଧାନ ହେଲେ, ଭାଷା ବିଜ୍ଞାନ

1. ବିଶ୍ଳେଷଣ ପ୍ରଧାନ
2. ବାକ୍ୟ ପ୍ରଧାନ
3. ସଂଶ୍ଳେଷଣ ପ୍ରଧାନ
4. ବ୍ୟୁତ୍ପତ୍ତି ପ୍ରଧାନ

112. ଭାଷା ବିଜ୍ଞାନର ବିଭିନ୍ନ ବିଭାଗ ମଧ୍ୟରୁ ଏହା ଅନ୍ୟତମ

1. ତାତ୍ତ୍ୱିକ ବିଜ୍ଞାନ
2. ମୌଳିକ ବିଜ୍ଞାନ
3. ବୌଦ୍ଧିକ ବିଜ୍ଞାନ
4. ରୂପ ବିଜ୍ଞାନ

113. ମଣିଷର ମନସ୍ତତ୍ତ୍ୱ ଅଧ୍ୟୟନ ପାଇଁ ଏହା ଏକ ବିଶିଷ୍ଟ ମାଧ୍ୟମ

1. ମାନସିକତା
2. ଭାଷା
3. ଚାଲିଚଳନ
4. ବ୍ୟବହାର

114. କଠିନ ତାଳୁ ଠାରୁ ଅଲିଜିହ୍ୱା ପର୍ଯ୍ୟନ୍ତ ଏହା ବିସ୍ତୃତ ଥାଏ

1. କୋମଳ ତାଳୁ
2. ଘଣ୍ଟିକା
3. ଦନ୍ତ
4. ବର୍ତ୍ସ

**ନିମ୍ନ ପଦ୍ୟାଶଂଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଚିହ୍ନଟ କର**

"ଅସ୍ତହେଲେ ରବି ଗ୍ରହରାଜ ଦିନମଣି,
ତାରାମୟ ହାର ପିନ୍ଧି ଆସିଲା ରଜନୀ ।
ଚନ୍ଦ୍ରମାର ସୁଧା – କରେ ପ୍ରଫୁଲ୍ଲଭବନ,
ମନ୍ଦମନ୍ଦ ବହେ ଗନ୍ଧବହ ସମୀରଣ ।
ନୀଳାମ୍ବର ଆଲିଙ୍ଗନେ ଅଧୀର ହୃଦୟ,
ପ୍ରସାରଇ ସିନ୍ଧୁବକ୍ଷ ନୀଳମଣି ମୟ ।"

115. ପଦ୍ୟାଂଶଟିରେ ଏହି ସମୟର ଦୃଶ୍ୟ ବର୍ଣ୍ଣନା କରାଯାଇଛି

1. ଦିନ
2. ରାତି
3. ସନ୍ଧ୍ୟା
4. ପ୍ରଭାତ

**ନିମ୍ନ ପଦ୍ୟାଂଶଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଚିହ୍ନଟ କର**

“ଅସ୍ତହେଲେ ରବି ଗ୍ରହରାଜ ଦିନମଣି,
ତାରାମୟ ହାର ପିନ୍ଧି ଆସିଲା ରଜନୀ ।
ଚନ୍ଦ୍ରମାର ସୁଧା – କରେ ପ୍ରଫୁଲ୍ଲଭବନ,
ମନ୍ଦମନ୍ଦ ବହେ ଗନ୍ଧବହ ସମୀରଣ ।
ନୀଳାମ୍ବର ଆଲିଙ୍ଗନେ ଅଧୀର ହୃଦୟ,
ପ୍ରସାରଇ ସିନ୍ଧୁବକ୍ଷ ନୀଳମଣି ମୟ ।”

116. ପଦ୍ୟାଂଶରେ ରଜନୀରାଣୀ ଏହି ହାର ପିନ୍ଧି ଆସିଲେ ବୋଲି କୁହାଯାଇଛି

1. ସୁନାର ହାର
2. ହୀରା ହାର
3. ରୂପା ହାର
4. ନକ୍ଷତ୍ର ହାର

**ନିମ୍ନ ପଦ୍ୟାଶଂଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଚିହ୍ନଟ କର**

"ଅସ୍ତହେଲେ ରବି ଗ୍ରହରାଜ ଦିନମଣି,
ତାରାମୟ ହାର ପିନ୍ଧି ଆସିଲା ରଜନୀ ।
ଚନ୍ଦ୍ରମାର ସୁଧା – କରେ ପ୍ରଫୁଲ୍ଲଭବନ,
ମନ୍ଦମନ୍ଦ ବହେ ଗନ୍ଧବହ ସମୀରଣ ।
ନୀଳାମ୍ବର ଆଲିଙ୍ଗନେ ଅଧୀର ହୃଦୟ,
ପ୍ରସାରଇ ସିନ୍ଧୁବକ୍ଷ ନୀଳମଣି ମୟ ।"

117. ପଦ୍ୟାଂଶଟିରେ ସୂର୍ଯ୍ୟକୁ ଏଭଳି କୁହାଯାଇଛି

1. ନୀଳମଣି
2. ଦିନମଣି
3. ମର୍କତ ମଣି
4. ଇନ୍ଦ୍ରମଣି

**ନିମ୍ନ ଗଦ୍ୟାଂଶଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଚିହ୍ନଟ କର ।**

ସେବା ଅତି ମହନୀୟ ଗୁଣ । ଏହା ମନକୁ ନିର୍ମଳ ଓ ହୃଦୟକୁ ପ୍ରଶସ୍ତ କରେ । ମନରୁ ଅହଂକାର, ଘୃଣା, ଈର୍ଷା ଓ ବଡ଼ିମାକୁ ଦୁରେଇଦିଏ । ମଣିଷକୁ ନମ୍ର, ଧୈର୍ଯ୍ୟବାନ ଓ ସହିଷ୍ଣୁ କରେ । ସ୍ୱାର୍ଥପରତା ସେବା ର ଶତ୍ରୁ । ସେବା ମାନବିକତାକୁ ବିକଶିତ କରେ । ଦୟାରୁ ସେବା ଜନ୍ମନିଏ । ଶିବ ଜ୍ଞାନରେ ଜୀବ ସେବା କରିବା ଉଚିତ । ଜୀବର ସେବା କରିବା ହେଉଛି ବାସ୍ତବ ଦେବ-ପୂଜା । ପ୍ରତି ଜୀବ ଅନ୍ତରରେ ମାଧବ ବିରାଜିତ ଚଳନ୍ତି ଦେବତା । ଦଳିତ, ପୀଡିତ ମାନବର ସେବାକଲେ ମାଧବ ସନ୍ତୁଷ୍ଟ ହୁଅନ୍ତି । ସେବାରେ ଛଳନା ବା ବାଧ୍ୟତା ରହିବା ଅନୁଚିତ ।

118. ଏହା କଲେ ମାଧବ ସନ୍ତୁଷ୍ଟ ହୁଅନ୍ତି

1. ଗରୀବ ମାନବର ସେବା
2. ଦଳିତ, ପୀଡିତ ମାନବର ସେବା
3. ଧନୀ, ଗରୀବ ମାନବର ସେବା
4. ଜନସାଧାରଣଙ୍କ ସେବା

**ନିମ୍ନ ଗଦ୍ୟାଶଂଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଚିହ୍ନଟ କର ।**

ସେବା ଅତି ମହନୀୟ ଗୁଣ । ଏହା ମନକୁ ନିର୍ମଳ ଓ ହୃଦୟକୁ ପ୍ରଶସ୍ତ କରେ । ମନରୁ ଅହଂକାର, ଘୃଣା, ଈର୍ଷା ଓ ବଡ଼ିମାକୁ ଦୁରେଇଦିଏ । ମଣିଷକୁ ନମ୍ର, ଧୈର୍ଯ୍ୟବାନ ଓ ସହିଷ୍ଣୁ କରେ । ସ୍ୱାର୍ଥପରତା ସେବା ର ଶତ୍ରୁ । ସେବା ମାନବିକତାକୁ ବିକଶିତ କରେ । ଦୟାରୁ ସେବା ଜନ୍ମନିଏ । ଶିବ ଜ୍ଞାନରେ ଜୀବ ସେବା କରିବା ଉଚିତ । ଜୀବର ସେବା କରିବା ହେଉଛି ବାସ୍ତବ ଦେବ-ପୂଜା । ପ୍ରତି ଜୀବ ଅନ୍ତରରେ ମାଧବ ବିରାଜିତ ଚଳନ୍ତି ଦେବତା । ଦଳିତ, ପୀଡିତ ମାନବର ସେବାକଲେ ମାଧବ ସନ୍ତୁଷ୍ଟ ହୁଅନ୍ତି । ସେବାରେ ଛଳନା ବା ବାଧ୍ୟତା ରହିବା ଅନୁଚିତ ।

119. “ଜନ୍ମ” ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି

1. ମରଣ
2. ମୃତ୍ୟୁ
3. ଅଜାତ
4. ମୃତ

**ନିମ୍ନ ଗଦ୍ୟାଂଶଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଚିହ୍ନଟ କର ।**

ସେବା ଅତି ମହନୀୟ ଗୁଣ । ଏହା ମନକୁ ନିର୍ମଳ ଓ ହୃଦୟକୁ ପ୍ରଶସ୍ତ କରେ । ମନରୁ ଅହଂକାର, ଘୃଣା, ଈର୍ଷା ଓ ବଡ଼ିମାକୁ ଦୁରେଇଦିଏ । ମଣିଷକୁ ନମ୍ର, ଧୈର୍ଯ୍ୟବାନ ଓ ସହିଷ୍ଣୁ କରେ । ସ୍ୱାର୍ଥପରତା ସେବା ର ଶତ୍ରୁ । ସେବା ମାନବିକତାକୁ ବିକଶିତ କରେ । ଦୟାରୁ ସେବା ଜନ୍ମନିଏ । ଶିବ ଜ୍ଞାନରେ ଜୀବ ସେବା କରିବା ଉଚିତ । ଜୀବର ସେବା କରିବା ହେଉଛି ବାସ୍ତବ ଦେବ-ପୂଜା । ପ୍ରତି ଜୀବ ଅନ୍ତରରେ ମାଧବ ବିରାଜିତ ଚଳନ୍ତି ଦେବତା । ଦଳିତ, ପୀଡିତ ମାନବର ସେବାକଲେ ମାଧବ ସନ୍ତୁଷ୍ଟ ହୁଅନ୍ତି । ସେବାରେ ଛଳନା ବା ବାଧ୍ୟତା ରହିବା ଅନୁଚିତ ।

120. ଅନୁଚ୍ଛେଦଟିରେ ଏହି ଗୁଣ ବିଷୟରେ କୁହାଯାଇଛି

1. ଦୟା
2. ବିଜୟ
3. ମାନବିକତା
4. ସେବା

121. “ମାତୃଭୂମି ମାତୃଭାଷା ଉଭୟେ ଜନନୀ,
ଭକ୍ତି ଭରେ ସେବ ତାଙ୍କୁ ଦିବସ ରଜନୀ”

ଏହି ପଦ୍ୟାଂଶରୁ ଏହାର ଗୁରୁତ୍ୱ ଉପଲବ୍ଧ ହୁଏ

1. ଶବ୍ଦ ଚାତୁର୍ଯ୍ୟ
2. ଛନ୍ଦ
3. ମାତୃଭାଷା
4. ଅଳଙ୍କାର

122. ମାତୃଭାଷା କୋଷରେ ରକ୍ଷିତ ସାହିତ୍ୟର ଅଧ୍ୟୟନ ଦ୍ୱାରା ବାଳକ ବାଳିକା ମାନଙ୍କର ମାନସିକ ଓ ଆଧ୍ୟାତ୍ମିକ ଶକ୍ତିର ବିକାଶ ପ୍ରାପ୍ତ ହୁଏ । ଏକଥା କହିଛନ୍ତି

1. ଫକୀର ମୋହନ ସେନାପତି
2. ମଧୁସୂଦନ ରାଓ
3. ରାଧାନାଥ ରାୟ
4. ମଧୁସୂଦନ ଦାସ

123. ପାଠ୍ୟ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରସଙ୍ଗରେ ବିଷୟବସ୍ତୁ ସମ୍ବନ୍ଧରେ ଜ୍ଞାନ ଲାଭକରିବା, ଓଡ଼ିଆ ଭାଷା ଶିକ୍ଷଣର ଏହି ଉଦ୍ଦେଶ୍ୟ ପୂରଣ କରିଥାଏ

1. ଭାବାତ୍ମକ ଉଦ୍ଦେଶ୍ୟ
2. କୌଶଳାତ୍ମକ ଉଦ୍ଦେଶ୍ୟ
3. ବୌଦ୍ଧିକ ଉଦ୍ଦେଶ୍ୟ
4. ଜ୍ଞାନାତ୍ମକ ଉଦ୍ଦେଶ୍ୟ

124. ଓଡ଼ିଆ ଭାଷାରେ ସଠିକ୍ ଲିଖନ ସାମର୍ଥ୍ୟ ପ୍ରଦାନ କରିବା – ଭାଷା ଶିକ୍ଷଣର ଏହି ଉଦ୍ଦେଶ୍ୟ ପୂର୍ଣ୍ଣ କରିଥାଏ

1. କୌଶଳାତ୍ମକ ଉଦ୍ଦେଶ୍ୟ
2. ଜ୍ଞାନାତ୍ମକ ଉଦ୍ଦେଶ୍ୟ
3. ଭାବାତ୍ମକ ଉଦ୍ଦେଶ୍ୟ
4. ବୌଦ୍ଧିକ ଉଦ୍ଦେଶ୍ୟ

125. ପଠନର ସର୍ବଶେଷ ଦକ୍ଷତା ହେଉଛି

1. ପ୍ରତ୍ୟକ୍ଷାନୁଭୂତି
2. ଅବବୋଧ
3. ପଠନ ପ୍ରକ୍ରିୟା
4. ଲିଖନ ପ୍ରକ୍ରିୟା

126. ଏହି ପଠନ ଦ୍ୱାରା ଅଳ୍ପ ସମୟ ମଧ୍ୟରେ ଅଧିକ ବିଷୟବସ୍ତୁ ପାଠ କରିହୁଏ

1. ଗଭୀର ପଠନ
2. ନୀରବ ପଠନ
3. ସରବ ପଠନ
4. ଦ୍ରୁତ ପଠନ

127. ଏହି ଶିକ୍ଷଣ ପ୍ରକ୍ରିୟାରେ ହାତ ଓ ଚକ୍ଷୁର କାର୍ଯ୍ୟ

1. କଥନ
2. ପଠନ
3. ଲିଖନ
4. ଶ୍ରବଣ

128. ଗଦ୍ୟ ଅଧ୍ୟୟନ ଦ୍ୱାରା ଏହି ଜ୍ଞାନାତ୍ମକ ଉଦ୍ଦେଶ୍ୟ ସାଧିତ ହୋଇପାରିବ

1. ପ୍ରସଙ୍ଗ ଅନ୍ତର୍ଭୁକ୍ତ ଜ୍ଞାନଲାଭ କରିବା
2. କଳ୍ପନା ସାହିତ୍ୟ ପଠନ ନିମିତ୍ତ ଆଗ୍ରହାନ୍ୱିତ ହେବେ
3. ଗଦ୍ୟ ସାହିତ୍ୟ ପଠନ ନିମିତ୍ତ ଆଗ୍ରହାନ୍ୱିତ ହେବେ
4. ପଠିତ ବିଷୟବସ୍ତୁ ସଠିକ୍ ବିଶ୍ଳେଷଣ କରିବେ

129. ସ୍ୱକୀୟ ଅବବୋଧକୁ ମୌଖିକ ବା ଲିଖନ ଭାବରେ ପ୍ରକାଶ କରିବା – ଗଦ୍ୟ ଅଧ୍ୟୟନର ଏହି ଉଦ୍ଦେଶ୍ୟ ପୂରଣ ହେବ

1. ଭାବାତ୍ମକ
2. ଜ୍ଞାନାତ୍ମକ
3. କୌଶଳାତ୍ମକ
4. ବୌଦ୍ଧିକାତ୍ମକ

130. ଆଧୁନିକ ଯୁଗର ଶିକ୍ଷାପ୍ରଣାଳୀ

1. ବିଷୟ କୈନ୍ଦ୍ରିକ
2. ଶିଶୁ କୈନ୍ଦ୍ରିକ
3. ଶିକ୍ଷକ କୈନ୍ଦ୍ରିକ
4. ବିଦ୍ୟାଳୟ କୈନ୍ଦ୍ରିକ

131. କ୍ରୀଡ଼ା ପ୍ରଣାଳୀର ଜନ୍ମଦାତା

1. ମିଷ୍ଟର କାଲ୍‌ଡଓଲ କୁକ୍
2. ଡ଼ଃ. ଡବ୍ଲ୍ୟୁ. ହେଚ୍.କିଲ୍‌ପାଟିକ୍
3. ଫ୍ରୋବେଲ୍
4. ଜନ୍ କିଟ୍

132. ଏହି ପଦ୍ଧତିରେ ଛାତ୍ରମାନଙ୍କୁ ନିଜ କାର୍ଯ୍ୟ ନିଜେ କରିବାକୁ ସ୍ୱାଧୀନତା ଓ ସୁଯୋଗ ଦିଆଯାଏ

1. ପରମ୍ପରା ପଦ୍ଧତି
2. ଶିକ୍ଷକ କୈନ୍ଦ୍ରିକ ପଦ୍ଧତି
3. ଯୋଜନା ପଦ୍ଧତି
4. ଆରୋହ ପଦ୍ଧତି

133. ଶିଶୁ ଶିକ୍ଷାବିତ୍ ମେରିଆ ମୋଣ୍ଟେସରୀ ଜଣେ ଏହି ଦେଶର ମହିଳା

1. ଇଟାଲି
2. ଜର୍ମାନୀ
3. ଫ୍ରାନ୍ସ
4. ଗ୍ରୀସ୍

134. ଶିଶୁକୁ ଚାରା ସହିତ ଓ ଶିକ୍ଷକଙ୍କୁ ମାଳୀ ସହିତ ତୁଳନା କରିଥିବା ଶିକ୍ଷାବିତ୍

1. ମୋଣ୍ଟେସରୀ
2. ଆରିଷ୍ଟୋଟଲ
3. ଫ୍ରୋବେଲ୍
4. ହେଚ୍.ଜି.ୱେଲ

135. ଛାତ୍ରଛାତ୍ରୀ ମାନଙ୍କ ହୃଦୟରେ ସୌନ୍ଦର୍ଯ୍ୟାନୁଭୂତି ବା ରସବୋଧର ବିକାଶ କରାଇବା ଏହି ଶିକ୍ଷାଦାନର ଉଦ୍ଦେଶ୍ୟ ଅଟେ

1. ବ୍ୟାକରଣ
2. କବିତା
3. ରଚନା
4. ଗଦ୍ୟ

136. ଯାହା ଶୁଣି ଲେଖାଯାଏ

1. ପତ୍ର ଲିଖନ
2. କବିତା ଲିଖନ
3. ଦୃଷ୍ଟ ଲିଖନ
4. ଶ୍ରୁତ ଲିଖନ

137. ଭାଷାବିତ୍ ମାନଙ୍କ ମତରେ ଭାଷାର ବୈଜ୍ଞାନିକ ବିଶ୍ଳେଷଣ ହିଁ

1. ଉପନ୍ୟାସ
2. ବ୍ୟାକରଣ
3. ନାଟକ
4. ଏକାଙ୍କିକା

138. ଶିଶୁ ପ୍ରାରମ୍ଭିକ ସ୍ତରରେ ପ୍ରଥମ ପାହାଚରେ ଯୋଗଦାନ କଲାବେଳକୁ ଭାଷାର ଏହି ଦୁଇଟି ଦକ୍ଷତା ଉପରେ କିଛି ଧାରଣା ଦଖଲ କରିଥାଏ

1. ଲିଖନ, ଶ୍ରବଣ
2. ପଠନ, କଥନ
3. ଶ୍ରବଣ, କଥନ
4. ପଠନ, ଶ୍ରବଣ

139. ଆମ ଭାରତ ସମ୍ବିଧାନର ଏହି ଧାରାରେ ପ୍ରତ୍ୟେକ ରାଜ୍ୟ ତାଙ୍କ ରାଜ୍ୟର ଭାଷା ଦୃଷ୍ଟିରୁ ସଂଖ୍ୟାଲଘୁ ଗୋଷ୍ଠୀର ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷାଦାନ ଦେବାପାଇଁ ସ୍ୱଷ୍ଟଭାବେ ଉଲ୍ଲେଖ କରାଯାଇଛି

1. 350 'କ'
2. 356 'କ'
3. 360 'କ'
4. 365 'କ'

140. ବୋଧଶକ୍ତିର ବିକାଶ ପାଇଁ କିମ୍ବା ପିଲାମାନଙ୍କର ଜ୍ଞାନର ଅଭିବୃଦ୍ଧି ପାଇଁ ଏହି ପଠନ କରାଯାଏ

1. ସରବ ପଠନ
2. ଦ୍ରୁତ ପଠନ
3. ନୀରବ ପଠନ
4. ତାତ୍ତ୍ୱିକ ପଠନ

141. ଶିକ୍ଷାର୍ଥୀମାନଙ୍କ ମନରେ ନୂତନ ପାଠପ୍ରତି କୌତୂହଳ ଓ ଆଗ୍ରହ ସୃଷ୍ଟି କରିବା ଏହି ସୋପାନର ଉଦ୍ଦେଶ୍ୟ

1. ଉପସ୍ଥାପନ
2. ପ୍ରୟୋଗ
3. ଉପକ୍ରମ
4. ମୂଲ୍ୟାୟନ

142. ପିଲାମାନଙ୍କୁ ମାତୃଭାଷାରେ ଦ୍ରୁତ ପଠନ ଅଭ୍ୟସ୍ତ କରାଇବା ସହ ବିଷୟବସ୍ତୁର ସାରକଥା ଅଳ୍ପସମୟ ମଧ୍ୟରେ ଗ୍ରହଣ କରିବା ପାଇଁ ଏହି ପୁସ୍ତକ ଉଦ୍ଦିଷ୍ଟ

1. ଗଦ୍ୟ ସାହିତ୍ୟ
2. ଅତିରିକ୍ତ ସାହିତ୍ୟ
3. ପଦ୍ୟ ସାହିତ୍ୟ
4. ବ୍ୟାକରଣ

143. ଯେତେବେଳେ ବାକ୍ୟ ମଧ୍ୟରେ ଅଳ୍ପ ବିରାମର ଆବଶ୍ୟକତା ଅନୁଭୂତ ହୁଏ, ସେଠାରେ ବ୍ୟବହୃତ ହେଉଥିବା ବିରାମ ଚିହ୍ନ

1. ହାଇଫେନ୍
2. କୋଲନ୍
3. ବନ୍ଧନୀ
4. କମା

144. ଲେଖା ମଧ୍ୟରେ କୌଣସି ଶବ୍ଦର ଅର୍ଥକୁ ଅଧିକ ସ୍ପଷ୍ଟ କରିବା ପାଇଁ ଏହି ଚିହ୍ନ ଦିଆଯାଏ

1. ବନ୍ଧନୀ ଚିହ୍ନ
2. ପୂର୍ଣ୍ଣଚ୍ଛେଦ
3. ହାଇଫେନ
4. ପ୍ରଶ୍ନସୂଚକ ଚିହ୍ନ

145. ଜଣେ ବ୍ୟକ୍ତି ନିଜର ଆତ୍ମୀୟ ସାଥୀ ତଥା ବନ୍ଧୁବାନ୍ଧବ ନିକଟକୁ ବ୍ୟକ୍ତିଗତ ଘଟଣା, ସୁଖ, ଦୁଃଖ, ପ୍ରେମ ଓ ବିରହ ନେଇଁ ପତ୍ର ଲେଖିଲେ ତାହା

1. ବାଣିଜ୍ୟ ପତ୍ର
2. ଔପଚାରିକ ପତ୍ର
3. ଅନୌପଚାରିକ ପତ୍ର
4. ନିମନ୍ତ୍ରଣ ପତ୍ର

146. ମୂଲ୍ୟାୟନର ମୁଖ୍ୟ ଉଦ୍ଦେଶ୍ୟ

1. ଶିକ୍ଷାର୍ଥୀ ମାନଙ୍କର ପାଠପଢ଼ା ବିଷୟରେ ଜାଣିବା
2. ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ଓ କ'ଣ ଜାଣିବେ ନିର୍ଣ୍ଣୟ କରିବା
3. ଭାଷାର ବିଭିନ୍ନ ପ୍ରୟୋଗ ବିଷୟରେ ଜାଣିବା
4. କର୍ତ୍ତବ୍ୟବୋଧ ବିଷୟରେ ସଚେତନ ହେବା

147. ସମସ୍ତ ପାଠ୍ୟପ୍ରସଙ୍ଗର ଆଲୋଚନା ସରିଲା ପରେ ବର୍ଷଶେଷରେ ଯେଉଁ ମୂଲ୍ୟାୟନ କରାହୁଏ, ତାହାକୁ ଏହା କୁହାଯାଏ

1. ଏକକ ମୂଲ୍ୟାୟନ
2. ଗଠନାତ୍ମକ ମୂଲ୍ୟାୟନ
3. ତ୍ରୟମାସିକ ମୂଲ୍ୟାୟନ
4. ସାମଗ୍ରିକ ମୂଲ୍ୟାୟନ

148. “କୋଣାର୍କ ମନ୍ଦିର” ବିଷୟରେ ଚର୍ଚ୍ଚାକଲେ ଧର୍ମପଦର ନାମ ସ୍ୱତଃ ମନକୁ ଆସେ କାହିଁକି ? ଏହା ଏହି ଉଦ୍ଦେଶ୍ୟଭିତ୍ତିକ ପ୍ରଶ୍ନ

1. ଜ୍ଞାନାତ୍ମକ
2. ଅଭିବ୍ୟକ୍ତି ମୂଳକ
3. ବୋଧାତ୍ମକ
4. କୌଶଳାତ୍ମକ

149. ଚିନ୍ତନର ମୌଳିକ ଏକକ ହେଉଛି

1. ପ୍ରତ୍ୟୟ
2. ଆଚରଣ
3. ବ୍ୟବହାର
4. ସ୍ନେହ

150. ଶ୍ରାବ୍ୟ ଉପକରଣର ଏକ ଉଦାହରଣ

1. ସି.ଡ଼ି. ପ୍ଲେୟର୍
2. ଫିଲମ୍ ପ୍ରଜେକ୍ଟର୍
3. ଟେଲିଭିଜନ୍
4. ରେଡ଼ିଓ

151. ଏକ ପ୍ରାଚୀନ ସାମଗ୍ରୀର ଉଦାହରଣ

1. ବୁଲେଟିନ ବୋର୍ଡ୍
2. କଳାପଟା
3. ଟେଲିଭିଜନ୍
4. ପ୍ରୋଜେକ୍ଟର୍

152. ଏହି ସଭାରେ କେତେକ ପ୍ରସଙ୍ଗ ସପକ୍ଷରେ ଏବଂ କେତେକ ପ୍ରସଙ୍ଗ ବିପକ୍ଷରେ ନିଜର ମତାମତ ଉପସ୍ଥାପନ କରନ୍ତି

1. ଧର୍ମସଭା
2. ବକ୍ତୃତା ସଭା
3. ତର୍କସଭା
4. ବିଦାୟକାଳୀନ ସଭା

153. ଶିକ୍ଷାଦାନ କ୍ଷେତ୍ରରେ ସର୍ବାଧୁନିକ ଶିକ୍ଷଣ ଉପକରଣ ଭାବେ ମର୍ଯ୍ୟାଦା ଲାଭ କରିଥିବା ଉପକରଣ

1. ରେଡ଼ିଓ
2. ଟେପ୍ ରେକର୍ଡ଼ର୍
3. କଳାପଟା
4. କମ୍ପ୍ୟୁଟର

154. ସୃଜନଶୀଳତା ପରିପ୍ରେକ୍ଷୀରେ ଗିଲ୍‌ଫୋର୍ଡ଼୍ ଚିନ୍ତନକୁ ନିମ୍ନ ଶ୍ରେଣୀରେ ବିଭକ୍ତ କରିଛନ୍ତି

1. ଦୁଇ
2. ଚାରି
3. ତିନି
4. ପାଞ୍ଚ

155. କୌଣସି ଏକ ବସ୍ତୁକୁ ଅନେକ ପ୍ରକାର ବର୍ଣ୍ଣନା କରିବା ସାମର୍ଥ୍ୟକୁ ଏହା କୁହାଯାଏ

1. କାର୍ଯ୍ୟଦକ୍ଷତା
2. ବାକ୍‌ପଟୁତା
3. ସହନଶୀଳତା
4. ନମନୀୟତା

156. "ପଦ୍ୟାନ୍ତ ପ୍ରତିଯୋଗିତା" ଏହା ଏକ

1. ପାଠ୍ୟ କାର୍ଯ୍ୟକ୍ରମ
2. ଶିକ୍ଷଣ କାର୍ଯ୍ୟକ୍ରମ
3. ସହପାଠ୍ୟ କାର୍ଯ୍ୟକ୍ରମ
4. ବାହ୍ୟ କାର୍ଯ୍ୟକ୍ରମ

157. ଏହି ଭାଷାକୁ ଆଦିଭାଷା ଭାବରେ ଆର୍ଯ୍ୟ ସଂସ୍କୃତି ଗ୍ରହଣ କରିଛି

1. ପାଲି
2. ସଂସ୍କୃତ
3. ପ୍ରାକୃତ
4. ଓଡ଼ିଆ

158. ଏହାଙ୍କ ମତରେ ଉପଯୁକ୍ତ ଶିକ୍ଷକ ଓ ଶିକ୍ଷାଦାନ ପଦ୍ଧତି ଜୀବନ ହୋଇ ନପାରିଲେ ସର୍ବୋତ୍କୃଷ୍ଟ ପାଠ୍ୟକ୍ରମ ଓ ସର୍ବଶ୍ରେଷ୍ଠ ପାଠ୍ୟତାଲିକା ମଧ୍ୟ ନିର୍ଜୀବ ହୋଇରହିବ

1. ମୁଦାଲିୟାର କମିଶନ
2. କୋଠାରୀ କମିଶନ
3. ଜାତୀୟ ଶିକ୍ଷା କମିଶନ
4. ରହମାନ କମିଶନ

159. କୌଣସି ବିଷୟରେ, ମନର ଅନ୍ତର୍ନିହିତ ଭାବନା ବା ଅନୁଭୁତିକୁ ସୁସଜ୍ଜିତ କରି ପ୍ରକାଶ କରିବାକୁ ଏହା କହନ୍ତି

1. ପତ୍ର
2. ପଦ୍ୟ
3. ରଚନା
4. ପୁରାଣ

160. “ଶିବେଇ ସାନ୍ତରା ଆମର କାହିଁକି ପରିଚିତ?” ପ୍ରଶ୍ନଟି ଏହି ଧରଣର

1. ବସ୍ତୁନିଷ୍ଠ ପ୍ରଶ୍ନ
2. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ
3. ଦୀର୍ଘଉତ୍ତର ମୂଳକ ପ୍ରଶ୍ନ
4. ବର୍ଣ୍ଣନାତ୍ମକ ପ୍ରଶ୍ନ